# ଶ୍ରୀ ଶ୍ରୀ ମା'ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ, ଯାଜପୁର

E-mail ID-mbttb@maabiraja.com/maabirajattb@gmail.com
Ph- 06728-223900/Website-www.maabiraja.com

ନଂ- ୮୨ ତା- ୦୮.୦୩.୨୦୨୬ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଶ୍ରୀ ଶ୍ରୀ ମା'ବିରଜା ମନ୍ଦିର ବେଢାବାହାରେ ଚାରିଚକିଆଯାନ(ପାର୍କିଂ) ଆସନ୍ତାତା୧୮.୦୩.୨୦୨୬ ରିଖ ଦି ୧୧ ଘଟିକା ସମୟରେ ଉପ-ଜିଲ୍ଲାପାଳ ଯାଜପୁରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ୨୦୨୬-୨୦୨୭ବର୍ଷ ନିମନ୍ତେ ପ୍ରକାଶ୍ୟ ନିଲାମ କରାଯିବ, ନିଲାମରେ ଅଂଶଗ୍ରହଣ କରିବାକୁ ଇଛୁକବ୍ୟକ୍ତି ନିର୍ଦ୍ଧାରିତ ସ୍ଥାନ,ତାରିଖ ଓ ସମୟରେ ଉପସ୍ଥିତରହି ନିଲାମରେ ଅଂଶଗ୍ରହଣ କରିପାରିବେ ଏବଂ ଏଥିସହ ସଯୁକ୍ତ ସମସ୍ତ ସର୍ତ୍ତାବଳୀ ମାନିବାକୁ ବାଧହେବେ ନଚେତ ତାଙ୍କଦ୍ୱାରା ଦାଖଲହୋଇଥିବା ଅମାନତରାଶିକୁ ଯେକୌଣସି ସମୟରେ ବାଜ୍ୟାପ୍ତି କରାଯାଇପାରିବ ।

ଯଦି ଚାରିଚକିଆଯାନ(ପାର୍କିଂ)ତା୧୮.୩.୨୦୨୬ରିଖ ଦିନ ନିଲାମ ହୋଇ ନପାରିବ ତା୨୪.୩.୨୬ରିଖ ସମାନ ସମୟ ଓ ସ୍ଥାନରେ ପୁନଃ ନିଲାମ ଅନୁଷ୍ଠିତ ହେବ। ଯଦି ତା୨୪.୩.୨୦୨୬ରିଖ ଦିନ ନିଲାମ ହୋଇନପାରିବ ତାହା ପୁନଃ ନିଲାମ ତା୨୬.୩.୨୬ ରିଖ ସମାନ ସମୟ ଓ ସ୍ଥାନ ଠାରେ ଅନୁଷ୍ଠିତ ହେବ ।

| କ୍ର.ନଂ | ୨୦୨୬-୨୦୨୭ ବର୍ଷପାଇଁ ହେବାକୁଥିବା ଉତ୍ସରନାମ | ଅପସେଟ ମୂଲ୍ୟ (ଟଙ୍କାରେ) (Upset price) | ଅମାନତଜମା ୧୦% (ଟଙ୍କାରେ) | ଅମାନତଜମା ଦାଖଲପାଇଁ ତାରିଖ | ସମ୍ପୃକ୍ତ ନିଲାମ ପାଇଁ ଇସ୍ତାହାର ସଂଲଗ୍ନ କରାଗଲା |
|---|---|---|---|---|---|
| ୧ | ଚାରିଚକିଆଯାନ(ପାର୍କିଂ) | ୧୦,୪୮,୧୬୩/- | ୧,୦୪,୮୧୬/- | ନିଲାମ ତାରିଖ ପୂର୍ବଦିନ | ସଂଲଗ୍ନ |

ପରିପତ୍ରସଂଖ୍ୟା- ୮୩ ତାରିଖ- ୦୮.୦୩.୨୦୨୬

ଏହାରଏକକିତାନକଲ ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପ-ଜିଲ୍ଲାପାଳ, ଯାଜପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲ କାର୍ଯ୍ୟାଳୟ, ଯାଜପୁର ନୋଟିସ ବୋର୍ଡ / ନିର୍ବାହୀଅଧିକାରୀ ଯାଜପୁର ପୌରପାଳିକାଙ୍କ କାର୍ଯ୍ୟାଳୟ ନୋଟିସବୋର୍ଡ ଓ ବିରଜା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତିନିମନ୍ତେ ପ୍ରକାଶ କରାଗଲା ।

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

ପରିପତ୍ରସଂଖ୍ୟା- ୮୪ ତାରିଖ- ୦୮.୦୩.୨୦୨୬

ଏହି ବିଜ୍ଞାପନକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ୱେବ୍‌ସାଇଟ୍‌ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ମ୍ୟାନେଜିଂଟ୍ରଷ୍ଟି ତଥା
ଉପ-ଜିଲ୍ଲାପାଳ, ଯାଜପୁର

Scanned with OKEN Scanner

## ସର୍ତ୍ତାବଳୀ

## ତିନିଚକିଆ /ଚାରିଚକିଆଯାନଷ୍ଟାଣ୍ଡ

୧. ଉପରୋକ୍ତ ଚାରିଚକିଆଯାନ ଷ୍ଟାଣ୍ଡ ପାର୍କିଂ ନିମନ୍ତେ୧୦% ଅମାନତ ରାଶିସ୍ୱରୁପ ଅର୍ଥ ଟ **୧,୦୪,୮୧୬/-କା** Managing Trustee Maa Biraja Temple, Jajpur (Payable at State Bank of India, Jajpur Town Branch, IFSC 0000094) (Branch Code-00094) ଙ୍କ ନାମରେ Demand draft ନିଲାମ ତାରିଖ ପୂର୍ବଦିନ Managing Trustee Maa Biraja Temple, Jajpur ଙ୍କ ଅଫିସରେ ଦାଖଲ ଦେଇ ରସିଦ ହାସଲକରି ନିଲାମ ଡାକରେ ଅଂଶ ଗ୍ରହଣ କରିପାରିବେ । ନଚେତ ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ ।

୨. ଉପରୋକ୍ତ ନିଲାମ ନିମନ୍ତେ ସର୍ବନିମ୍ନଟଙ୍କା ଟ**୧୦,୪୮,୧୬୩/-ଙ୍କା** ଧାର୍ଯ୍ୟକରାଯାଇଛି ।

୩. ମନ୍ଦିରର କୌଣସିଦେୟ ବାକିରଖିଥିବା ବ୍ୟକ୍ତି ବା ତାଙ୍କ ସମ୍ପର୍କୀୟ ଉକ୍ତ ନିଲାମରେ ଭାଗନେଇପାରିବେ ନାହିଁ ।

୪. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧହେବ ସେ ଉକ୍ତଦିନ ନିଲାମ ମୂଲ୍ୟର ଶତକଡା ୯୦%ଭାଗ ଅର୍ଥ SBI. Jajpur town main Branch AC.NO-11308945546 / IFSC 0000094) (Branch Code-00094) ରେ RTGS/NEFT ମାଧ୍ୟମରେ ଜମାଦେଇ ମନ୍ଦିର କାର୍ଯ୍ୟାଳୟରୁ ରସିଦ ହାସଲ କରିବେ ଓ ଅବଶିଷ୍ଟ ୧୦% ଅର୍ଥ ତା ୩୧.୧୨.୨୦୨୬ ରିଖ ସୁଦ୍ଧା ମନ୍ଦିର କାର୍ଯ୍ୟାଳୟରେ ଦାଖଲ କରେିବେ ।

୫. ନୀଲାମଧାରୀ ନିଜଖର୍ଚ୍ଚରେ ଏକଏକରାରନାମା ପ୍ରସ୍ତୁତିକରି ମନ୍ଦିରର ସମସ୍ତ ସର୍ତ୍ତାବଳୀ ମାନ ଲିପିବଦ୍ଧ କରି ନିମ୍ନସାକ୍ଷର କାରିଙ୍କ ନିକଟରେ ୭ଦିନମଧ୍ୟରେ ଦାଖଲ କରିବେ ।

୬. ଯଦିକୌଣସି କାରଣରୁ ନିଲାମଧାରୀ ନିଲାମଟଙ୍କା ପୈଠକରିବାରେ ତ୍ରୁଟିକରନ୍ତି ତେବେତାଙ୍କଦ୍ୱାରା ଦାଖଲ ଅମାନତ ରାଶିକୁ ବାଜ୍ୟାପ୍ତି କରାଯିବ ଓ ତାଙ୍କ ତଳକୁ ଥିବା ବ୍ୟକ୍ତଙ୍କ ଡାକକୁ ବିଚାରକୁ ନିଆଯିବ /ପୁନିନିଲାମ କରାଯିବ/ବିକଳ୍ପବ୍ୟବସ୍ଥା ଗ୍ରହଣ କରାଯିବ (କିପ୍ରକାର ବିକଳ୍ପବ୍ୟବସ୍ଥାଗ୍ରହଣ କରାଯିବ ତାହାମୁଖ୍ୟ ପରିଚାଳକ ସ୍ଥିରକରି ଆବଶ୍ୟକ ପଦକ୍ଷେପନେବେ)

୭.ନିଲାମରେ କୈଣସି ଅଂଶିଦାର ନରଖିବାକୁ ସ୍ଥିରକରି ନିଲାମରେ କେବଳଅମାନତ ଜମାକାରୀଙ୍କ ବ୍ୟତିତ ଅନ୍ୟକୌଣସି ବ୍ୟକ୍ତି ନିଲାମସ୍ଥାନରେ ଉପସ୍ଥିତ ରହିପାରିବେନାହିଁ ।

୮. ସର୍ବୋପରି କୌଣସି କାରଣ ନଦର୍ଶାଇ ଉକ୍ତନିଲାମକୁ ନାକଚକରିବାର ସମସ୍ତକ୍ଷମତା ନିମ୍ନସାକ୍ଷରକାରୀଙ୍କର ଅଛି ।

୯. ନିଲାମଧାରୀ ଉକ୍ତ ସ୍ଥାନର ପରିଚ୍ଛନ୍ନତା ତଥା ଶୃଙ୍ଖଳା ରଖିବା ସହିତ ଯାତ୍ରୀମାନଙ୍କୁ ଉତ୍ତମବ୍ୟବହାର କରିବା ପାଇଁ ବାଧ୍ୟରହିବେ ।

୧୦. ମନ୍ଦିର ଦ୍ୱାରା ଏଥିପୂର୍ବରୁ ଧାର୍ଯ୍ୟକରାଯାଇଥିବା ପାର୍କିଂ ସ୍ଥାନରୁ ନିମ୍ନଲିଖିତ ମତେ ପାର୍କିଂ ଭଡାଆଦାୟ କରିପାରିବେ ।

୧୧. ନିମ୍ନଲିଖିତ ମୂଲ୍ୟର ରସିଦ ବହି ଛପାଇବେ ଓ ଟ୍ରଷ୍ଟବୋର୍ଡ ଅଫିସରୁ ସିଲମାରିନେବେ ।

୧୨. ମନ୍ଦିର ପରିସର ବାହାରେ ଦୁର୍ଗାପୂଜା ଓ ସ୍ୱନକ୍ଷତ୍ର ପୂଜା ସମୟରେ କରାଯାଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ କରୁଥିବା ସଂସ୍ଥା ମାନଙ୍କୁ କୌଣସିଦେୟ ମାଗିବେ ନାହିଁ ।

୧୩. ଅମାନତ ଦେୟ ବର୍ଷ ଶେଷରେ ଫେରସ୍ତ ନେବେ ।

୧୪. ମନ୍ଦିର ଟ୍ରଷ୍ଟବୋର୍ଡ ତରଫରୁ କୌଣସି ବ୍ୟକ୍ତିଙ୍କ ଉପରେ ପୂର୍ବରୁ କୌଣସି ଆପତ୍ତି ଅଭିଯୋଗ ଥିଲେ, ପୂର୍ବରୁ ମନ୍ଦିର ଟ୍ରଷ୍ଟବୋର୍ଡ ଉପରେ ନୀଲାମସମ୍ବନ୍ଧୀୟ ମକୋଦ୍ଦମା ଦାୟର କରିଥିଲେ କିମ୍ବା ଏକାଧିକ ନିଲାମ ସମ୍ବନ୍ଧୀୟ ଖିଲାପ ନୋଟିସ ପାଇଥିବା ବ୍ୟକ୍ତି ନିଲାମରେ ଭାଗନେଇପାରିବେ ନାହିଁ ।

**୧୫.ନୀଲାମଧାରୀ ପାର୍କିଂସ୍ଥାନରେ ନିଜଖର୍ଚ୍ଚରେ ଏକମୂଲ୍ୟ ସୂଚୀ ବୋର୍ଡ ଲଗାଇବେ । ନିଲାମଧାରୀ ନିଲାମ ପ୍ରାପ୍ତିର ୭ଦିନମଧ୍ୟରେ ମୂଲ୍ୟସୂଚୀବୋର୍ଡ ନଲଗାନ୍ତି ତେବେ ଦିନ ପ୍ରତି ୫୦୦/-ଟଙ୍କା ଜୋରିମାନା ଆଦାୟ କରାଯିବ ଏବଂ ଯଦି୧ମାସ ଅବଧି ମଧ୍ୟରେ କାର୍ଯ୍ୟକାରୀ ନକରନ୍ତି ତେବେ ନିଲାମକୁ ରଦ୍ଦକରାଯିବ ।**

୧.୬ଚକିଆ ଓ ୧୦ଚକିଆଯାନ -୨୦୦/-

୨.୪ଚକିଆ ଟ୍ରାଭେଲର-୧୦୦/-

୩.୪ଚକିଆ କାର ଓ ଅନ୍ୟାନଗାଡି-୫୦/-

୪.୩ଚକିଆଅଟୋ -୩୦/-

ମ୍ୟାନେଜିଂଟ୍ରଷ୍ଟି ତଥା

ଉପ-ଜିଲ୍ଲାପାଳ, ଯାଜପୁର